ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୪ ଜୁନ, ୨୦୨୩

**୪ ଫୁଟର ରଣା ସାପ ଉଦ୍ଧାର**
ପାଟଣା,(ବୀର କିଶୋର ଦାଶ)- କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ସୋରାସକେଲା ପଞ୍ଚାୟତ ତୁଳସୀପୁର ଗାଁରୁ ଶୁକ୍ରବାର ସକାଳେ ବନ ବିଭାଗର ପାରାଷ୍ଟାଫ ଏକ ୪ ଫୁଟ ଲମ୍ବର ରଣା ସାପ ଉଦ୍ଧାର କରିଛନ୍ତି। ଉଦ୍ଧାର ପରେ ଏହାକୁ ଖମୁଆଁ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ସୂଚନା ଅନୁଯାୟୀ, ତୁଳସୀପୁର ଗ୍ରାମର କଳାକାର କାର୍ଜିଙ୍କ ଘର ଭିତରେ ଏହି ରଣା ସାପଟି ପଶିଥିଲା।



## ସଂକ୍ଷେପରେ

### ନାବାଳିକାଙ୍କ ଆତ୍ମହତ୍ୟା

**ପାଟଣା,୨୩।୬(ବୀରକିଶୋର ଦାଶ):** କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ରାଇଡିହା ପଞ୍ଚାୟତ ଜାରକାଣୀ ବେଡ଼ା ଗାଁ ଛକ ନିକଟରେ ଥିବା ଏକ ଲିମ୍ବ ଗଛରୁ ଶୁକ୍ରବାର ଅପରାହ୍ନରେ ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ସେ ଏକ କପଡ଼ାକୁ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

### କଂଗ୍ରେସ ନେତାଙ୍କ ପରଲୋକ

**ଭଦ୍ରକ, ୨୩।୬ (ରବିନାରାୟଣ ଖିଲାର):** ଭଦ୍ରକ ପୌରପାଳିକା ଅଧୀନ ୧୫ ନମ୍ବର ୱାର୍ଡ କୁଆଁସର କଂଗ୍ରେସ ନେତା ତପନ ନାୟକ(୫୫)ଙ୍କ ଗୁରୁବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ନରେନ ପଲେଇ, କଂଗ୍ରେସ ବିଧାୟକ ପ୍ରାର୍ଥୀ ନଳିନୀ ମହାନ୍ତି, ଆଇନଜୀବୀ ଅତିସ ବେହେରା, ଖବରଦାତା ରବିନାରାୟଣ ଖିଲାର, ଯୁବନେତା ଆଶିଷ ରାଉତ, ଜ୍ୟୋତିପ୍ରକାଶ ମହାନ୍ତି, କୁନା ମହାନ୍ତି, ଘାଉଲି ଜେନା, ହେମନ୍ତ ମହାପାତ୍ର, ଶୁଭଙ୍କର ମହାପାତ୍ର, ମାଧ ମହାପାତ୍ର, ସୁମନ ମହାପାତ୍ର, କଳ୍ପତରୁ ପରିଡ଼ା, ପ୍ରଦୀପ ବାରିକ, ଉଜ୍ଜ୍ୱଳ ନାୟକ, ବୁଲୁ ଦାସ, ତେଜସ୍ୱିନୀ ଦାସ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ଝିଅ ପୁଅ, ମା’, ଭାଇ ଭାଉଜ, ପୁତୁରା ଝିଆରୀ, ଜ୍ୱାଇଁଙ୍କ ସମେତ ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ସୂଚନା ଥାଉକି, ତପନଙ୍କ ବଡ଼ଭାଇ ତାପସ ନାୟକ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗରେ ଜୁନିୟର ଆସିଷ୍ଟାଣ୍ଟ ଅଛନ୍ତି।


ତପନ ନାୟକ।

### ମିଥ୍ୟା ଖବର ପ୍ରସାରଣ ନେଇ ଥାନାରେ ଅଭିଯୋଗ

**ବାହାନଗା, ୨୩।୬(ଅରୂପ କୁମାର ଦାସ):** ବାହାନଗାରେ ଥିବା ଏକ ସାମାଜିକ ଗଣମାଧ୍ୟମ ମିଥ୍ୟା ଖବର ପରିବେଷଣ କରୁଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ କରିଛନ୍ତି ବ୍ଲକ ବିଜେଡି ସଭାପତି ଓ କର୍ମକର୍ତ୍ତା। ଏନେଇ ବୁଧବାର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଦଳ ପକ୍ଷରୁ କୁହାଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ଅଜୟ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ଗିରିଶ ଚନ୍ଦ୍ର ଦାଶ, ପ୍ରଭାକର ମିଶ୍ର, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, କାର୍ଯ୍ୟକାରୀ ସଭାପତି, ସୁମନ୍ତ ନାୟକ, ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ଗଣପତି ପଣ୍ଡା, ଶୁଭଶ୍ରୀ ଦାଶ, ଲକ୍ଷ୍ମୀକାନ୍ତ ଶିଅଳ, ସବିତା ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗଣମାଧ୍ୟମ କୌଣସି ମତାମତ ନ ନେଇ ମିଥ୍ୟା ଖବର ପ୍ରସାରଣ କରିବା ସହିତ ଆଶାଳୀନ ଭାଷାରେ ନେତାମାନଙ୍କ ବିରୋଧରେ ପ୍ରସାରଣ କରୁଛି। ଦୀର୍ଘ ଦିନ ଧରି ଏପରି ଚାଲିଥିଲେ ମଧ୍ୟ ସେଥିପ୍ରତି ଦଳ ଗୁରୁତ୍ୱ ଦେଇ ନ ଥିଲା। ତେବେ ଗତ ମଙ୍ଗଳବାର ମିଥ୍ୟା ଖବର ପ୍ରସାର ଚରମ ସୀମାରେ ପହଞ୍ଚିବାରୁ ବାଧହୋଇ ଥାନାର ଆଶ୍ରୟ ନିଆଯାଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ସୋର ବିଧାୟକ ଓ ତାଙ୍କ ସମର୍ଥକମାନେ ବିଭିନ୍ନ ରଥ ହେଉଥିବା ସ୍ଥାନକୁ ବୁଲିବାକୁ ଯାଇଥିଲେ। ତେବେ ପଣ୍ଡାଶୁଣି ପଞ୍ଚାୟତ ନଦିଗିରାରୁ ରଥ ଟାଣି ବିଧାୟକ ଫେରିଯିବା ପରେ ପଣ୍ଡାହରିପୁରଠାରେ କର୍ମୀ ଓ ଅସାମାଜିକ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଗୋପାଳପୁର ଥାନା ପୋଲିସ କର୍ମୀମାନଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ସେ ସ୍ଥାନରେ ବିଧାୟକ ନ ଥିଲେ। ମାତ୍ର ଉକ୍ତ ଗଣମାଧ୍ୟମ ମିଥ୍ୟା ଖବର ପ୍ରକାଶ କରିବା ସହ ବିଧାୟକଙ୍କ ମତାମତ କିମ୍ବା ବ୍ଲକ ସଭାପତି ବା ବ୍ଲକ ଅଧ୍ୟକ୍ଷଙ୍କ ମତାମତ ନ ନେଇ ଖବର ପ୍ରସାରଣ କରିଛନ୍ତି। ଦରକାର ପଡ଼ିଲେ ଦଳ ପକ୍ଷରୁ ସାଇବର ଥାନାରେ ଅଭିଯୋଗ କରାଯିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି।

### ଫୁଡ୍ କମିଶନରଙ୍କ ମୟୂରଭଞ୍ଜ ଗସ୍ତ

**ବାରିପଦା,୨୩।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ଓଡ଼ିଶା ଫୁଡ୍ କମିଶନର ଓ ୟୁନିସେଫର ପ୍ରତିନିଧି ଗୁରୁବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି। ବାରିପଦା ପୌର ପରିଷଦ ୧୭ନଂ. ୱାର୍ଡରେ ଥିବା ମା’ ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ବିତରକ କାର୍ଯ୍ୟାଳୟରେ ପହଞ୍ଚି ତଦାରଖ କରିଥିଲେ। ଏହା ସହିତ କାଗଜପତ୍ର ଯାଞ୍ଚ କରି ସଦସ୍ୟାମାନଙ୍କ ସହିତ ଆଲୋଚନା କରିଥିଲେ। ଏଥିରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ, ସହକାରୀ ଜିଲା ଯୋଗାଣ ଅଧିକାରୀ ଚୈତନ୍ୟ ଆଡବଙ୍ଗା, ଏସିଏସ୍‌ଓ ରୀନାରାଣୀ ମହାପାତ୍ର ଓ ଧିରଜ କୁମାର ଭୂୟାଁ, ପୌରପରିଷଦ ଯୋଗାଣ ଅଧିକାରୀ ପ୍ରଦୀପ୍ତ ବେହେରା ଏବଂ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁ ରାସ୍ତା ଅବରୋଧ, ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

**ଅସୁସ୍ଥ ବୃଦ୍ଧାଙ୍କୁ ଟେକି ଟେକି ନେଲେ**

**କୋଡ଼ପଦା,୨୩।୬(ରଞ୍ଜିତ କୁମାର ରଣା)**

ଗାଁକୁ ଭଲ ରାସ୍ତା ଥାଇ ମଧ୍ୟ ରୋଗୀଙ୍କ ଘରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଅସୁସ୍ଥ ବୃଦ୍ଧାଙ୍କୁ ୨୦୦ମିଟର ଟେକି ଟେକି ନେଲେ ଗ୍ରାମବାସୀ। କେତେକ ଗ୍ରାମବାସୀ ରାସ୍ତା ଉପରେ ଘର କରି ଅବରୋଧ କରିଥିବାରୁ ଜରୁରୀକାଳିନ ସମୟରେ ମଧ୍ୟ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ଗାଡ଼ି ସାହି ଭିତରକୁ ପ୍ରବେଶ କରିପାରୁନାହିଁ। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଜଳସୁଆଁ ଗ୍ରାମର କୁରାଳ ସାହିରେ।

ଉକ୍ତ ସାହିରେ ୬୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି । ହେଲେ ସୁବିଧା ଅସୁବିଧା ସମୟରେ ସାହି ଭିତରକୁ ଚାରି ଚକିଆ ଗାଡ଼ି ନ ଯାଇ ପାରିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଗ୍ରାମର ପାଗଳ ରଣାଙ୍କ ମା’ ଚହଟି ରଣାଙ୍କ ଦେହ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ଏ ନେଇ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ କୁରାଳ ସାହିର କେତେକ ବାସିନ୍ଦା ବେଆଇନ ଭାବେ ରାସ୍ତା ଉପରେ ଘର କରିବା ସହ ଘର ଆଗରେ ବଡ଼ ବଡ଼ ପଥର ରଖିଥିବାରୁ ରୋଗୀଙ୍କ ଘର ପାଖକୁ ଆମ୍ବୁଲାନ୍ସ ଯାଇ ପାରି ନ ଥିଲା। ଫଳରେ ଗ୍ରାମର କିଛି ମହିଳା ଓ ପୁରୁଷଙ୍କ ସହଯୋଗରେ ବୃଦ୍ଧା ଜଣଙ୍କୁ ମୁଖ୍ୟ ରାସ୍ତାକୁ ଟେକି ଟେକି ଅଣାଯାଇଥିଲା। ସେଠାରୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଏଥି ପ୍ରତି ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଅସୁସ୍ଥ ବୃଦ୍ଧାଙ୍କୁ ଆମ୍ବୁଲାନ୍ସ ପାଖକୁ ଟେକି ଟେକି ନିଆଯାଉଛି।

# ହାତୀ ଉପଦ୍ରବ, ଲୋକେ ଆତଙ୍କିତ

**ମୋରଡ଼ା,୨୩।୬(ସ୍ମାରକ ମାଜୀ)**

ରାସଗୋବିନ୍ଦପୁର ଓ ମୋରଡ଼ା ବ୍ଲକରେ ବର୍ଷ ତମାମ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ରାସଗୋବିନ୍ଦପୁର ଡାକ୍ତରଖାନା ସମ୍ମୁଖରେ ଥିବା ସତ୍ୟ ନାରାୟଣ ପ୍ରଧାନଙ୍କ ଘର ବାଡ଼ିରେ ହାତୀ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ସତ୍ୟ ନାରାୟଣ ବନବିଭାଗକୁ ଯୋଗାଯୋଗ କରିଥିଲେ ମଧ୍ୟ କୋଣସି ସୁଫଳ ମିଳିପାରି ନ ଥିଲା। ପରେ ଜୀବନ ଭୟରେ ପୋଲିସକୁ ମଧ୍ୟ ସାହାଯ୍ୟ ମାଗି ନିରାଶ ହେବା ପରେ ସ୍ଥାନୀୟ ବିଦ୍ୟୁତ୍ କର୍ମଚାରୀଙ୍କ ସହଯୋଗ ଲୋଡ଼ିଥିଲେ। ୩ଜଣ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ଲାଇଟ ପକାଇବା ପରେ ଘଟଣାସ୍ଥଳରୁ ହାତୀ ପଳାଇଥିଲେ। ଏନେଇ ଏସିସିଏଫ୍ ରବି ନାରାୟଣ ମହାନ୍ତିଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା କୋଣସି ଅସୁବିଧା ହୋଇ ନାହିଁ, ଅଘଟଣର କିଛି ଖବର ନାହିଁ ବୋଲି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିରେ ଡେପୁଟି ରେଞ୍ଜର ମାଥି ହାଁସଦା ପ୍ରାଣ ହରାଇବା ପରେ ସୁରକ୍ଷା ଦାବିରେ ବନ କର୍ମଚାରୀମାନେ ଆନ୍ଦୋଳନ ଚଳାଇଥିବା ବେଳେ ପାଟ୍ରୋଲିଂ ବନ୍ଦ କରିଛନ୍ତି। ଫଳରେ ଉପଦ୍ରବ ଚଳାଇଥିବା ହାତୀପଲଙ୍କୁ ଘଉଡା ଯାଇ ପାରୁନାହିଁ। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ଚମ୍ପାମଣିଙ୍କୁ ଶ୍ରଦ୍ଧାଞ୍ଜଳି


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

**ଧାମନଗର, ୨୩।୬ (ସନ୍ତୋଷ କୁମାର ମହାପାତ୍ର)**

ଭଦ୍ରକ ଜିଲା ଧାମନଗର ବ୍ଲକର ଧରିତ୍ରୀ ଖବରଦାତା ଭଗବାନପୁର ପଞ୍ଚାୟତ ମହାପାତ୍ରସାହିର ସନ୍ତୋଷ କୁମାର ମହାପାତ୍ରଙ୍କ ମା’ ତଥା ଧର୍ମପରାୟଣା ମହିଳା ସ୍ୱର୍ଗତ ଚମ୍ପାମଣି ମହାପାତ୍ରଙ୍କ ଦ୍ୱାଦଶାହ ଅବସରରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସମିତିସଭ୍ୟ ବିଦ୍ୟାଧର ରାଉତ, ସୁଦୀପ୍ତ ଖଟୁଆ, ଭାରତ ବିଜୟ ଦଳେଇ, ସରପଞ୍ଚ ପ୍ରତିନିଧି କପିଳେନ୍ଦ୍ର ବଳ, ପ୍ରଫେସର ବିଷ୍ଣୁ ଦାଶ, ବ୍ଲକ ବିଜେଡି ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ନଗର ସଭାପତି ସୁଶାନ୍ତ କୁମାର ରାଉତ, ଖବରଦାତା, ଆଇନଜୀବୀ, ଶିକ୍ଷକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସେମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସ୍ମୃତିଚାରଣ କରିଥିଲେ। ପୁଅ ନାରାୟଣ ଚନ୍ଦ୍ର ମହାପାତ୍ର, ଗଦାଧର ମହାପାତ୍ର ଓ ସନ୍ତୋଷ ମହାପାତ୍ର ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ବାଲିଆପାଳର ବିକାଶ ଲାଗି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବାଲିଆପାଳ,୨୩।୬(ଗୋପାଳ ଚନ୍ଦ୍ର ସାହୁ)**

ବାଲିଆପାଳର ବିକାଶ ପାଇଁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସବୁଠି ବିକାଶ-ପ୍ରଗତି ହେଉଥିବା ବେଳେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ବିକାଶ ପ୍ରଗତି ପଛରେ ପଡ଼ିଛି। ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନ ଶିଳ୍ପ, କୃଷି ଏବଂ ଶିଳ୍ପର ସେମିତି କିଛି ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ଅନ୍ୟପକ୍ଷରେ ବାଲିଆପାଳ ଅଞ୍ଚଳରେ ଥିବା ଶ୍ରୀ ଗୋପୀନାଥ ସୂତାକଳକୁ ବନ୍ଦ କରିଦିଆଯାଇଛି। ସେହିପରି ସୁଦୀର୍ଘ ଡଗରା ବେଳାଭୂମିର ବିକାଶକୁ ଚାପି ଦିଆଯାଇଛି। ଏହି ସବୁକୁ ଦୃଷ୍ଟିରେ ରଖି ବାଲିଆପାଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ଆବାହକ ସତ୍ୟକାମ ମହାନ୍ତିଙ୍କ ନେତୃତ୍ୱରେ ଡଗରା ବେଳାଭୂମି ରାସ୍ତାକୁ ନବୀକରଣ, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫-ଟିରେ ଅନ୍ତର୍ଭୁକ୍ତ କରିବା, ଗୋପୀନାଥ ସୂତାକଳକୁ କାର୍ଯ୍ୟକ୍ଷମ କରିବା, ଦୁଇ ହଜାର ମହିଳାଙ୍କ ପାଇଁ ହସ୍ତ ଶିଳ୍ପ କାରଖାନା ପ୍ରତିଷ୍ଠା, ବସ୍ତା ନିର୍ବାଚନ ମଣ୍ଡଳୀକୁ ବାଲିଆପାଳ ବସ୍ତା ନିର୍ବାଚନମଣ୍ଡଳୀ ନାମକରଣ କରିବା, ଶୀତଳ ଭଣ୍ଡାରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ସବ୍ ଟ୍ରେଜେରୀ ସ୍ଥାପନ, ବାଲିଆପାଳକୁ ଏନ୍‌ଏସି କରିବା ପାଇଁ ସରକାରୀ ଘୋଷଣା ଆଦି ବିଭିନ୍ନ ଦଫା ସମ୍ବଳିତ ଏକ ପତ୍ର ବାଲିଆପାଳ ତହସିଲଦାରକୁ ଦେଇଛନ୍ତି।


ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ତହସିଲଦାର ଦୀପକ କୁମାର ଦାଶଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବସୁଧୈବ କୁଟୁମ୍ବକମ୍ ଆଲୋଚନାଚକ୍ର

**ରୂପସା, ୨୩।୬(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ରୂପସା ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ଆନୁକୂଲ୍ୟରେ ବିଶ୍ୱ ଯୋଗଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବସୁଧୈବ କୁଟୁମ୍ବକମ୍ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗ ପ୍ରଶିକ୍ଷକ ଡ. ଭାସ୍କର ଚନ୍ଦ୍ର ଜେନା ଓ ସମ୍ମାନିତ ଅତିଥି ଭାବେ ପ୍ରଧାପିକା ନୀଳିମା ପାତ୍ର, ଅଧାପିକା ପିନାକ୍ଷୀ ପଣ୍ଡା ପ୍ରମୁଖ ଯୋଗଦେଇ ଦୈନନ୍ଦିନ ଜୀବନରେ ଯୋଗର ଗୁରୁତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଯୋଗ ମାଧ୍ୟମରେ ମଣିଷର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସ୍ୱେଚ୍ଛାସେବୀ ବିକାଶ ମହାପାତ୍ର, ସୁବ୍ରତ ମଲ୍ଲିକ, ଶିବୁ ଜେନା, ଜିତେନ୍ ବେହେରା, ରଶ୍ମିରେଖା ସିଂହ, ରଚନା ମହାପାତ୍ର, ସନ୍ଧ୍ୟାସ୍ମିତା ପ୍ରଧାନ ଓ ମୋନାଲିସା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ ରେଡକ୍ରସ୍ କାଉନସେଲର ଶ୍ରବଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମଦ ଦୋକାନରେ ଗଣ୍ଡଗୋଳ

**ଅଫୁଟା ଗୁଳି ଜବତ, ଯୁବକ ଅଟକ**

**ବେତନଟୀ,୨୩।୬(ଧରଣୀଧର ମହାନ୍ତି)**

ମଦ ପିଇବାକୁ କେନ୍ଦ୍ରକରି ଗୁଳି ଫୁଟାଇବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ଘଟଣାସ୍ଥଳରୁ ଅଫୁଟା ଗୁଳି ଜବତ ହୋଇଛି। ସୂଚନା ଅନୁଯାୟୀ, ବେତନଟୀ ଡାବା ଅଞ୍ଚଳରେ ଥିବା ସରକାରୀ ବିଦେଶୀ ମଦ ଦୋକାନକୁ ବୁଧବାର କେତେଜଣ ଯୁବକ ମଦ ପିଇବାକୁ ଆସିଥିଲେ। ତେବେ କୌଣସି କଥାକୁ ନେଇ ମଦ ଦୋକାନ କର୍ମଚାରୀଙ୍କ ସହିତ ସେମାନଙ୍କର ବଚସା ହୋଇଥିଲା। ମଦ ଦୋକାନ କର୍ମଚାରୀ ବୁଝାଶୁଝା କରିବା ପରେ ଯୁବକମାନେ ସେଠାରୁ ପଳାଇ ଯାଇଥିଲେ। ବୁଧବାର ସନ୍ଧ୍ୟାରେ ସେମାନେ ପୁଣି ମଦ ଦୋକାନକୁ ଆସିଥିଲେ। ଏହି ସମୟରେ ମଦ ଦୋକାନର ସେଲସ୍‌ମ୍ୟାନ ରାହୁଲ ମହାନ୍ତ କାଉଣ୍ଟରରୁ ବାହାରକୁ ବାହାରିବା ସମୟରେ ଉକ୍ତ ଯୁବକମାନେ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ବନ୍ଧୁକ ଦେଖାଇ ଗୁଳି ଫୁଟାଇ ଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଏକ ଗୁଳି ତଳେ ପଡ଼ିଯାଇଥିଲା। ପରେ ଉକ୍ତ ଯୁବକମାନେ ସେଠାରୁ ପଳାଇ ଯିବା ବେଳେ ସ୍ଥାନୀୟ ଲୋକେ ପିଛାକରି ଜଣେ ଯୁବକଙ୍କୁ ବେତନଟୀ ଥାନା ଛକଠାରେ ଧରି ପୋଲିସ ଜିମା ଦେଇଥିଲେ। ଖବରପାଇ ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ନେଇ ବେତନଟୀ ଥାନାରେ ଏକ ମାମଲା(ନଂ.୨୨୩/୨୩) ରୁଜୁ ହୋଇଛି।

# ୩୬ ଧର୍ମାନୁଷ୍ଠାନ, ଦର୍ଶନୀୟ ସ୍ଥଳୀର ଉନ୍ନତୀକରଣ ପାଇଁ ୬. ୩୧ କୋଟି ମଞ୍ଜୁର

**ପାଟଣା,୨୩।୬(ବୀର କିଶୋର ଦାଶ)**

- ସବୁ ମନ୍ଦିର ମଠର ସୁରକ୍ଷା ଓ ଉନ୍ନତି ଦାୟିତ୍ୱ ନିଅନ୍ତୁ ରାଜ୍ୟ ସରକାର: ଭାଜପା
- ମୁଖ୍ୟମନ୍ତ୍ରୀଙ୍କ ବିକାଶ ଯାତ୍ରାରେ ଯୋଡ଼ି ହୋଇଛି କେନ୍ଦୁଝର: ବିଧାୟକ

କେନ୍ଦୁଝର ଜିଲାର ବିଭିନ୍ନ ଧର୍ମାନୁଷ୍ଠାନ ଓ ଦର୍ଶନୀୟ ସ୍ଥାନର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୨୦ କୋଟି ୪୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଜିଲାର ୧୧୬ ପ୍ରକଳ୍ପ ଏଥିରେ ସ୍ଥାନିତ ହୋଇଛି। ସେଥିମଧ୍ୟରୁ ପାଟଣା ନିର୍ବାଚନମଣ୍ଡଳୀର ୩୬ ପ୍ରକଳ୍ପ ସକାଶେ ୬ କୋଟି ୩୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

ଗତ ୧୦ ତାରିଖରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡର ଏକ ସାଧାରଣ ସଭାରେ ବିଭିନ୍ନ ଧର୍ମାନୁଷ୍ଠାନର କର୍ମକର୍ତ୍ତା ଏବଂ ବୁଦ୍ଧିଜୀବୀଙ୍କଠାରୁ ଦରଖାସ୍ତ ଗ୍ରହଣ କରି ୭ଦିନ ମଧ୍ୟରେ ସୁଫଳ ପାଇବାର ପ୍ରତିଶ୍ରୁତି ଦେଇଥିଲେ। ପ୍ରକଳ୍ପ ମଞ୍ଜୁରୀ ପ୍ରକାଶ ପାଇବା ପରେ ଏନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦରଖାସ୍ତ କରି ଚୂଡ଼ାନ୍ତ ପ୍ରକଳ୍ପ ତାଲିକାରୁ କେତେକ ଅନୁଷ୍ଠାନ ବାଦ୍ ପଡ଼ିଥିବା ନେଇ ସଂଗଠନ କର୍ମକର୍ତ୍ତା ମନଉଣା କରିଛନ୍ତି। ଅନ୍ୟପଟେ ପ୍ରକଳ୍ପ ମଞ୍ଜୁରୀ ପାଇଥିବା ଧର୍ମାନୁଷ୍ଠାନର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ କହିଛନ୍ତି, ଗତ ୪ ବର୍ଷରେ ବିଜେଡି ସରକାର ଲୋକଙ୍କ ମୌଳିକ ସମସ୍ୟା ଦୂର କରିବାରେ ବିଫଳ ହୋଇଛନ୍ତି। ଏବେ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ଲୋକଦେଖାଣିଆ ପ୍ରଚାର ସର୍ବସ୍ୱ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି। କେତେକ ଧର୍ମାନୁଷ୍ଠାନ ନୁହେଁ ସମସ୍ତ ମନ୍ଦିର, ମଠର ସୁରକ୍ଷା ଓ ଉନ୍ନତୀକରଣ କରିବା ସରକାରଙ୍କ ପ୍ରାଥମିକ କାର୍ଯ୍ୟ ହେବା ଉଚିତ। ପାଟଣା ବ୍ଲକ ରାଜନଗର ରଘୁନାଥଜୀଉ ମଠର ବିକାଶ ପାଇଁ ଏଥିରେ କୌଣସି ବ୍ୟବସ୍ଥା ନାହିଁ। ଜିଲାର ବହୁ ପୁରାତନ ମନ୍ଦିର ଓ ଦର୍ଶନୀୟ ସ୍ଥାନ ଏହି ଯୋଜନା ଅନ୍ତର୍ଭୁକ୍ତ ହୋଇପାରି ନାହିଁ। ଅନ୍ୟପକ୍ଷେ ବିଜେଡିର ଯୁବନେତା ତଥା ପାଟଣା ବିଧାୟକ ନାଏକ କହିଛନ୍ତି, କେନ୍ଦୁଝର ଜିଲା ମୁଖ୍ୟମନ୍ତ୍ରୀଙ୍କ ବିକାଶ ଯାତ୍ରାରେ ଯୋଡ଼ି ହୋଇଯାଇଛି। ସମସ୍ତ ମଠ ମନ୍ଦିର, ଦର୍ଶନୀୟ ସ୍ଥାନର ନବେକଳବର ହେଉଛି ଏହା ଖୁସିର କଥା। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିରୋଧୀ ଦଳ କେବଳ ବିରୋଧ କରିବା ପାଇଁ ନ ରହି ଗଠନମୂଳକ ସହଯୋଗ କରିବା ଉଚିତ ବୋଲି ସେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ଶିମିଳିପାଳ ସୁରକ୍ଷା ସହାୟକ ଦେଲେ ଦାବିପତ୍ର

**ବାରିପଦା,୨୩।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଶିମିଳିପାଳ ଆଭ୍ୟନ୍ତରୀଣ ପିଠାବଟା ଉତ୍ତର ବନାଞ୍ଚଳ ଅଧୀନରେ କାର୍ଯ୍ୟରତ ସମସ୍ତ ସୁରକ୍ଷା ସହାୟକଙ୍କ ଏକ ବୈଠକ ବନାଞ୍ଚଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପିଠାବଟା ଉତ୍ତର ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ ଜରିଆରେ ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡ ଉପନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୩୦ତାରିଖ ସୁଦ୍ଧା ଦାବି ପୂରଣ ନ କଲେ କର୍ମୀମାନେ କାର୍ଯ୍ୟ କରୁଥିବା ବିଟ୍‌ଗୁଡ଼ିକ ଖାଲି କରିବାକୁ ବାଧ୍ୟ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ନୂତନ ଭାବେ ସୁରକ୍ଷା ସହାୟକମାନଙ୍କୁ ନିଯୁକ୍ତି କରିବାକୁ ବାରଣ କରାଯିବ। ଦାବି ପୂରଣ ନ ହେଲେ ଆଗାମୀ ୧ତାରିଖଠାରୁ ପିଠାବଟା କାର୍ଯ୍ୟାଳୟଠାରେ କର୍ମୀମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ୮ମାସ ପରେ ବି ବିଜ୍ଞାପିତ ଅଞ୍ଚଳ ଘୋଷଣା ହୋଇପାରିଲାନି

**ଖଇରା, ୨୩।୬(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଅଧୀନ ଖଇରାକୁ ବିଜ୍ଞାପିତ ଅଞ୍ଚଳ ପାଇଁ ସମସ୍ତ ଆନୁଷଙ୍ଗିକ ପ୍ରକ୍ରିୟା ଶେଷ ହୋଇସାରିଛି । ହେଲେ ପ୍ରଶାସନ ଘୋଷଣାକୁ ସମସ୍ତେ ଚାହିଁବସିଛନ୍ତି। ୮ମାସ ପରେ ମଧ୍ୟ ଘୋଷଣା ହେଉ ନ ଥିବାରୁ ଖଇରାର ବିଭିନ୍ନ ସଙ୍ଗଠନ ଉଦ୍‌ବେଗ ପ୍ରକାଶ କରିବା ସହ ୫-ଟି ସଚିବଙ୍କ ହସ୍ତକ୍ଷେପ ଦାବି କରିଛନ୍ତି ।

୨୦୧୮ରେ ଖଇରାକୁ ବିଜ୍ଞାପିତ ଅଞ୍ଚଳର ମାନ୍ୟତା ପ୍ରଦାନ ପାଇଁ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ହାଇକୋର୍ଟ ମୁଖ୍ୟ ବିଚାରପତି, ଜିଲାପାଳ ଓ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ନଗର ଉନ୍ନୟନ ବିଭାଗ ଚିଠି ନମ୍ବର ୧୨୬୦ ତା୫।୧୦।୧୯ରିଖରେ ତହସିଲଦାର ଓ ବିଡିଓ ଜଏଣ୍ଟ ଭେରିଫିକେଶନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଖଇରା ତହସିଲଦାର ୩୭ଟି ଗ୍ରାମକୁ ନେଇ ଗଠିତ ହେବାକୁ ଥିବା ବିଜ୍ଞାପିତ ଅଞ୍ଚଳର ରିଜୋଲ୍ୟୁଶନ ଓ ନକ୍ସା ୧।୧୧।୨୨ରେ ନଗର ଉନ୍ନୟନ ବିଭାଗକୁ ପ୍ରଦାନ କରାଯାଇଥିଲା। ୮ମାସ ଧରି ଏହା ଶୀତଳଭଣ୍ଡାରରେ ପଡିରହିଥିବାରୁ ଖଇରାର ବରିଷ୍ଠ ନାଗରିକ ତଥା ବିଭିନ୍ନ ସଙ୍ଗଠନ ତରଫରୁ ଉଦ୍‌ବେଗ ପ୍ରକାଶ କରାଯାଇଛି ।

# ଡଙ୍ଗାରେ ଅଧିକ ଯାତ୍ରୀ ପରିବହନ ନ କରିବାକୁ ନିର୍ଦ୍ଦେଶ

**ଆଖଣ୍ଡଳମଣି ପୀଠରେ ଶ୍ରାବଣୀ ଜଳାଭିଷେକ ପାଇଁ ପ୍ରସ୍ତୁତି ବୈଠକ**

**ଭଦ୍ରକ, ୨୩।୬(ସନାତନ ରାଉତ)**

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଆସନ୍ତା ଜୁଲାଇ ୩ରୁ ଶ୍ରାବଣୀ ଜଳାଭିଷେକ ଆରମ୍ଭ ହେବ। ଏହି ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଟ୍ରଷ୍ଟି ତଥା ଉପଜିଲାପାଳ ମନୋଜ ପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ବୈଠକରେ ପୀଠରେ କାଉଡ଼ିଆମାନଙ୍କ ସୁବିଧା ପାଇଁ ଶାନ୍ତିଶୃଙ୍ଖଳା ରକ୍ଷା, ଗହଳି ନିୟନ୍ତ୍ରଣ, ପରିଷ୍କାର ପରିଚ୍ଛନ୍ନତା, ପାନୀୟଜଳ ବ୍ୟବସ୍ଥା, ଚିକିତ୍ସା ଶିବିର ଆଦି ନେଇ ଆଲୋଚନା କରାଯାଇଥିଲା।

ସେବାୟତ ବିଜୟ କୁମାର ଦାସ ଶ୍ରାବଣୀ ଜଳାଭିଷେକ ପାଇଁ ୭ ସୋମବାରରେ ବାବାମଣିଙ୍କ ସ୍ୱତନ୍ତ୍ର ନୀତିକାନ୍ତିର ସମୟ ଏବଂ ପୂଜାବିଧି ସମ୍ପର୍କରେ କହିଥିଲେ। ଆଇନ ଶୃଙ୍ଖଳା ପରିଚାଳନା, ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ନେଇ ଡିଏସ୍‌ପି ଡିଆଇବି କମଳ ଲୋଚନ ଭୂୟାଁ ଓ ଏସ୍‌ଡିପିଓ ସୌରଭ ଓତା ସୂଚନା ପ୍ରଦାନ କରିଥିଲେ। ନଦୀ ଘାଟଗୁଡ଼ିକରେ ଓଡ୍ରାଫ ଟିମ୍ ମୁତୟନ, ଅଗ୍ନିଶମ ସେବା ବ୍ୟବସ୍ଥା ସହ ଯାତ୍ରୀବାହୀ ଗାଡ଼ି ଏବଂ ଡଙ୍ଗାରେ ଅଧିକ ଯାତ୍ରୀ ପରିବହନ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାଉଡ଼ିଆମାନଙ୍କ ପାଇଁ ପାନୀୟ ଜଳ, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ଆମ୍ବୁଲାନ୍ସ ସହ ରାସ୍ତାପାର୍ଶ୍ୱ ଡାକ୍ତରଖାନା ସବୁ ନିର୍ଦ୍ଧାରିତ ଆବଶ୍ୟକ ସମୟରେ ଖୋଲା ରଖାଯିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଆଦି ନେଇ ଆଲୋଚନା କରାଯାଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଚାନ୍ଦବାଲି ଜିଲା ପରିଷଦ ସଦସ୍ୟ ପ୍ରିନ୍ସ ରାକେଶ କୁମାର ନାୟକ, ମନ୍ଦିର କମିଟି ସଦସ୍ୟ, ସେବାୟତ, ଆରଡ଼ି, ଓଳଗ, ନାନ୍ଦପୁର, ସୁନ୍ଦରପୁର ପଞ୍ଚାୟତର ସରପଞ୍ଚ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଅଧିକାରୀମାନେ।

## ନାବାଳକଙ୍କ ଆତ୍ମହତ୍ୟା

କୁଳିଅଣା,(ଆଦିକନ୍ଦ ସାହୁ )- ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ତର୍ଗତ ପଢ଼ିଆରିପୁର ଗ୍ରାମର ଜଣେ ନାବାଳକ ଶୁକ୍ରବାର ସକାଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୬/୨୩) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

## ସଂକ୍ଷେପରେ

### ଯୌତୁକ ନିର୍ଯାତନା ମାମଲା: ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ

ଭଦ୍ରକ,୨୩।୬ (ସନାତନ ରାଉତ)-ଭଦ୍ରକ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଚିନ୍ମୟ କୁମାର ପାଢ଼ୀ ଏକ ଯୌତୁକ ନିର୍ଯାତନା ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ଏହି ମାମଲାରେ ଅଭିଯୋଗକାରୀ ମହିଳାଙ୍କ ସ୍ୱାମୀ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଜଳଙ୍ଗା ଗ୍ରାମର ମୁକ୍ତିକାନ୍ତ ସାହୁ, ଶ୍ୱଶୁର ଭାଗବତ ସାହୁ ଓ ଶାଶୁ ଶାନ୍ତିଲତା ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ୨ବର୍ଷ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଓ ଅନାଦେୟ ଆଉ ୪ ମାସ ଜେଲ, ଯୌତୁକ ନିର୍ଯାତନା ନିରୋଧ ଆଇନର ଧାରା-୪ ଅନୁଯାୟୀ ୬ ମାସ ସଶ୍ରମ କାରାଦାଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଦେବେ। ସୂଚନାଯୋଗ୍ୟ, ମୁକ୍ତିକାନ୍ତ ଆଗରପଡ଼ା ଥାନା ଅଧୀନ ଚାରିଗାଁର ରେବତୀଙ୍କୁ ୨୦୦୮ ଅଗଷ୍ଟ ୧୩ରେ ବିବାହ କରିଥିଲେ। ବାହାଘର ସମୟରେ ନଗଦ ୫୦ ହଜାର ଟଙ୍କା ଯୌତୁକ ଦାବି କରିଥିଲେ। ସେଥିମଧ୍ୟରୁ ୪୦ ହଜାର ଟଙ୍କା ଦିଆଯାଇଥିବା ବେଳେ ୧୦ ହଜାର ବାକି ରହିଥିଲା। ବିବାହ ପରେ ରେବତୀଙ୍କ ବାପଘର ଲୋକେ ଅବଶିଷ୍ଟ ୧୦ ହଜାର ଟଙ୍କା ନ ଦେବାରୁ ଶାଶୁଘର ପକ୍ଷରୁ ତାଙ୍କୁ ନିର୍ଯାତନା ଦିଆଯାଉଥିଲା। ୨୦୧୦ ମେ ୧ରେ ମୁକ୍ତିକାନ୍ତ ରେବତୀଙ୍କୁ ବାପଘରେ ଛାଡ଼ି ଦେଇ ପରେ ଅନ୍ୟ ଜଣେ ଯୁବତୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଏନେଇ ରେବତୀ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କେସ୍ ରେଜେଷ୍ଟ୍ରି କରି ନ ଥିଲା। ଶେଷରେ କୋର୍ଟରେ କେସ୍ ଦାଖଲ କରିବା ପରେ କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ମାମଲା (ନଂ.୨୩୮/୨୦) ରୁଜୁ କରି ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଜାହିରା ନିର୍ମାଣ ଲାଗି ଭୂମି ପୂଜନ

ବୈଶିଙ୍ଗା,୨୩।୬(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ପଞ୍ଚାୟତର କଦଳିଆଠାରେ ଆଦିବାସୀମାନଙ୍କ ପୂଜାସ୍ଥଳ ଜାହିରା ନିର୍ମାଣ ନିମନ୍ତେ ଭୂମି ପୂଜନ ଉତ୍ସବ ହୋଇଯାଇଛି। ବିରାମ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦେବାଶିଷ ମାର୍ଣ୍ଡି, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା କମଳା ତିରିଆ ଏବଂ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ସୁବ୍ରମଣ୍ୟମ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶତାଧିକ ଆଦିବାସୀ ଉପସ୍ଥିତ ଥିଲେ। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାମଚନ୍ଦ୍ର ସୋରେନ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବୃନ୍ଦାବନ ଦାସ, ଅଭିନ୍ନ ସୁନ୍ଦର ପାତ୍ର, ଅର୍ଜୁନ ଦଳେଇ, ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ବ୍ଲକ ବିଜେଡି ସଭାପତି ସନ୍ତକ ଲେଙ୍କା, ବୈଶିଙ୍ଗା ସରପଞ୍ଚ ସାବିତ୍ରୀ ମୁର୍ମୁ, ସମିତି ସଭ୍ୟା ସରସ୍ୱତୀ ଦାସ, ଜିଲା ପରିଷଦ ସଦସ୍ୟା ସବିତା ଦାସ, ଧାନୀ କିସ୍କୁ, ବିଶ୍ୱନାଥ ହେମ୍ବ୍ରମ, ବୈଶିଙ୍ଗା ବିଜେଡି ସଭାପତି ରାମଚନ୍ଦ୍ର ପ୍ରଧାନ, କେନ୍ଦୁଆ ସଭାପତି ସୀତାନାଥ ବେହେରା, ମହିଳା ସଂଗଠନର ମୁଖ୍ୟ ଶାନ୍ତିଲତା ରାଉତ, ସ୍ନେହଲତା ପାଣି ଓ ଅନ୍ୟ ବିଜେଡି କର୍ମୀମାନେ ମଧ୍ୟ ଉପସ୍ଥିତ ରହିଥିଲେ।

### ବିଡିଓଙ୍କୁ ଗାଳିଗୁଲଜ, ବାସଭବନକୁ ଗୋବର ଓ ଅଣ୍ଡା ମାଡ଼

ବ୍ଲକ ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟଙ୍କ ସମେତ ୫ଜଣଙ୍କ ନାଁରେ ମାମଲା

ଭଦ୍ରକ,୨୩।୬(ସନାତନ ରାଉତ)-ଭଦ୍ରକ ଜିଲା ଚାନ୍ଦବାଲି ବିଡିଓ ଜ୍ୟୋତିବିକାଶ ଦାଶଙ୍କୁ ଗାଳିଗୁଲଜ ସହ ଆକ୍ରମଣ ଧମକ, ସରକାରୀ ବାସଭବନକୁ ଗୋବର ଅଣ୍ଡାମାଡ଼ କରାଯାଇଛି। ଏନେଇ ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ବଳ, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକଙ୍କ ସମେତ ୫ ଜଣଙ୍କ ନାଁରେ ବିଡିଓ ଦାଶ ଗୁରୁବାର ଚାନ୍ଦବାଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗମୂଳେ ଚାନ୍ଦବାଲି ଥାନାରେ ୫ଜଣଙ୍କ ନାଁରେ ଏକ ମାମଲା (ନଂ.୧୯୧/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ ୧୨ ତାରିଖରେ ୫-ଟି ସଚିବଙ୍କ ଚାନ୍ଦବାଲି ଗସ୍ତ ବେଳେ ଏକ କାର୍ଯ୍ୟକ୍ରମରେ ବିଡିଓ ଏବଂ ବ୍ଲକ ଉପାଧ୍ୟକ୍ଷଙ୍କ ବଡ଼ଭାଇଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ଘଟଣାକୁ ନେଇ ଗତ ବୁଧବାର ବ୍ଲକ ପରିସରରେ ବିଡିଓ ଏବଂ ଉପାଧ୍ୟକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତାଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ ଧମକ ଦେଇଥିଲେ। ସନ୍ଧ୍ୟାରେ ତାଙ୍କ ଅନୁପସ୍ଥିତିରେ ସରକାରୀ ବାସଭବନକୁ ଗୋବର ଓ ଅଣ୍ଡାମାଡ଼ କରାଯାଇଥିବା ବିଡିଓ ଏତଲାରେ ଦର୍ଶାଇଛନ୍ତି। ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଚାନ୍ଦବାଲି ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ କହିଛନ୍ତି। ବିଡିଓ ଘଟଣା ସମ୍ପର୍କରେ ଚାନ୍ଦବାଲି ଏସ୍‌ଡିପିଓ, ଜିଲାପାଳ, ଉପଜିଲାପାଳ ଓ ଏସ୍‌ପିଙ୍କୁ ଅବଗତ କରିଛନ୍ତି।

# ଟ୍ରକ୍‌କୁ ଧକ୍କାଦେଲା ଟ୍ରକ୍, ଚାପିହୋଇ ହେଲ୍‌ପର ମୃତ

## ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା

କେନ୍ଦୁଝର,୨୩।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ୨୦ ନମ୍ବର ଜାତୀୟ ରାଜପଥର ବାଇପାସ୍ ରାସ୍ତା ସିଦ୍ଧମଠ ନିକଟରେ ବେଆଇନ ପାର୍କିଂ ଯୋଗୁ ଶୁକ୍ରବାର ଭୋର ସମୟରେ ଦୁର୍ଘଟଣା ଘଟିଛି। ପାର୍କିଂ କରିଥିବା ଏକ ଟ୍ରକ୍ ପଛପଟେ ଆଉ ଏକ ଟ୍ରକ୍ ଧକ୍କା ଦେବାରୁ ଗାଡ଼ିରେ ଚାପିହୋଇ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ନୁନୁଚାନ୍ଦ ମାହାତୋ(୧୯)। ତାଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର ବୋକାରୋରେ।

ସୂଚନା ଅନୁଯାୟୀ, ଏକ ଲୁହାପଥର ବୋଝେଇ ଟ୍ରକ୍ ରୁଙ୍ଗଟା ଖଣିରୁ ଗୋପାଳପୁର ପୋର୍ଟ ଅଭିମୁଖେ ଯାଉଥିବାବେଳେ ଚକ ଲିକ୍ ହେବାରୁ ବାଇପାସ୍ ରାସ୍ତାରେ ଛିଡ଼ା ହୋଇଥିଲା। ସେହି ସମୟରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଘଟଗାଁ ଅଭିମୁଖେ ଯାଉଥିବା ବେଳେ ପଛପଟୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ


ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଭିତରୁ ହେଲ୍‌ପରଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରୁଛନ୍ତି।

ପହଞ୍ଚି ସିମେଣ୍ଟ ବୋଝେଇ ଗାଡ଼ିରେ ଚାପି ହୋଇଯାଇଥିବା ହେଲ୍‌ପରଙ୍କୁ କଟର ମେଶିନ ସାହାଯ୍ୟରେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟାଉନ ପୋଲିସ ଏକ ମାମଲା (ନଂ. ୨୫୦/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପ୍ରକାଶଥାଉ କି, ରାଜପଥ କଡ଼ରେ ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା ବଢ଼ୁଛି। ବାଇପାସ୍ ରାସ୍ତାରେ ଲୁହାପଥର ପରିବହନ କରୁଥିବା ଭାରିଯାନଗୁଡ଼ିକ ନିୟମିତ ଛିଡ଼ା ହେଉଛି। ଏହି ବେଆଇନ ପାର୍କିଂ ଉପରେ ପୋଲିସ ଏବଂ ପରିବହନ ବିଭାଗ ପକ୍ଷରୁ ଲଗାମ ଲଗାଯାଉ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଯୋଗୁ ଧନଜୀବନ ହାନି ଘଟୁଛି। ଜାତୀୟ ରାଜପଥ-୪୯ ଏବଂ ୨୦ର ବାଇପାସ୍ ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ଅନେକ ସମୟରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ବାଇପାସ୍ ରାସ୍ତାରେ ଗ୍ୟାରେଜ, ଢାବା ଓ ଦୋକାନ ବଜାର ରହିଥିବାରୁ ରାସ୍ତାପାର୍ଶ୍ୱରେ ବହୁ ଛୋଟବଡ଼ ଗାଡ଼ି ରଖାଯାଉଛି। ଏହି ଗାଡ଼ିଗୁଡ଼ିକ ଦିନରାତି ରାସ୍ତାକଡ଼ରେ ଅଟକି ରହୁଥିବାରୁ ଅନ୍ୟ ଗାଡ଼ି ଚାଳକ ଜାଣି ନ ପାରି ପଛପଟେ ପିଟିହୋଇ ଦୁର୍ଘଟଣା ଘଟୁଛି।

# ବେଆଇନ ହମ୍ପସ୍: ବାଇକ୍ ଆରୋହୀଙ୍କ ଜୀବନ ଗଲା

ରାଇବଣିଆ, ୨୩।୬(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଶ୍ୟାମନଗର ପଞ୍ଚାୟତର କୁସୁଗଡ଼ ଗ୍ରାମର ରାଜଦୀପ ଦାସ(୧୮) ଗୁରୁବାର ପ୍ରାୟ ରାତି ୧୦ଟା ବେଳେ ଖୁଆଡ଼ପଟୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ କୁଷୁଗଡ଼ ଛକ ନିକଟରେ ଏକ ହମ୍ପସ୍ ପାଖରେ ଭାରସାମ୍ୟ ହରାଇ ଗାଡ଼ିରୁ ଛିଟିକି ଯାଇ ଏକ ଗଛରେ ପିଟି ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ଜଳେଶ୍ୱରର ଜିକେଭଞ୍ଜ ହସ୍ପିଟାଲ ନେଇଯାଇଥିଲେ। କିନ୍ତୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ପରେ ଶବ ବ୍ୟବଚ୍ଛେଦ


ରାଜଦୀପ ଦାସ।

ପାଇଁ ପଠାଇଥିଲେ। ସେ ଭଲ ପିଲା ଏବଂ ପରୋପକାରୀ ପିଲା ହୋଇଥିବାରୁ ପରିବାର ଏବଂ ଗାଁରେ ଶୋକର ଛାୟା ଖେଳିଯାଇଛି।

# ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତି ଅନାବରଣ, ୩ ଶିକ୍ଷକ ସମ୍ମାନିତ


ଜଣେ ଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି।

ଭଦ୍ରକ,୨୩।୬(ସନାତନ ରାଉତ)

ଭଦ୍ରକ ଜିଲା ଆଗରପଡ଼ା ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ସାମାଜିକ କର୍ମୀ ସ୍ୱର୍ଗତ ରଥ ବେହେରାଙ୍କ ଅବଦାନକୁ ଅଞ୍ଚଳବାସୀ ସବୁଦିନ ମନେ ରଖିବେ। ତାଙ୍କ ପ୍ରଚେଷ୍ଟାରେ ବ୍ୟାଙ୍କ, ଦମକଳ କେନ୍ଦ୍ର ଓ ନିଜ ଗ୍ରାମରେ ବନ୍ୟା ଆଶ୍ରୟସ୍ଥଳୀ, ଆୟୁର୍ବେଦିକ ଡାକ୍ତରଖାନା ସମ୍ଭବ ହୋଇଛି ବୋଲି ସ୍ୱର୍ଗତ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ପ୍ରଫୁଲ୍ଲ ସାମଲ ମତବ୍ୟକ୍ତ କରିଥିଲେ। ରଥ ବିଭିନ୍ନ ଅନୁଷ୍ଠାନରେ ପଦପଦବୀରେ ରହି ଉନ୍ନୟନ କାର୍ଯ୍ୟ କରୁଥିଲେ ବୋଲି ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ କହିଥିଲେ।

ଖବରଦାତା ହେମନ୍ତ ସିଂହଙ୍କ ପୌରୋହିତ୍ୟରେ ଚାରିଗାଁଠାରେ ଅନୁଷ୍ଠିତ ଏହି ସଭାରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଭାଜପା ନେତା ବଦ୍ରି ନାରାୟଣ ଧଳ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ପ୍ରଦୀପ୍ତ କୁମାର ସେଠୀ, ସରପଞ୍ଚ ଗୀତିକା ଭୋଇ ଓ ସମିତିସଭ୍ୟ ଧରଣୀଧର କର ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତି ଅନାବରଣ ସହ ଆଗରପଡ଼ା ଉତ୍କଳ କେଶରୀ ମହୋତ୍ସବ କମିଟି ସୌଜନ୍ୟରୁ ପ୍ରକାଶିତ ଆତ୍ମଜୀବନୀ ପୁସ୍ତକ 'ଆଗରପଡ଼ାର ଅସ୍ତମିତ ସୂର୍ଯ୍ୟ ରଥ ସାର୍' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲ। ୩ଜଣ ଆଦର୍ଶ ଶିକ୍ଷକଙ୍କୁ ରଥ ବେହେରା ସ୍ମୃତି ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସତ୍ୟନାରାୟଣ ପାଳକ, ବିଦ୍ୟାଧର ବେହେରା, ରାଜକିଶୋର ବେହେରା, ଶିବ ପ୍ରସାଦ ବେହେରା, ମୀନତି ବେହେରା, ଅନିତା ବେହେରା, ପୂର୍ବତନ ସରପଞ୍ଚ ବନମାଳୀ ବେହେରା, ପୂର୍ବତନ ସମିତିସଭ୍ୟ ରାମଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କବାଡ଼ିଆ ସାଙ୍ଗକୁ ବ୍ରାଉନସୁଗାର ବେପାର

## ୨ ଯୁବକଙ୍କୁ ପୋଲିସ ଜିମା

ଧାମନଗର, ୨୩।୬ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଦେହୁଡ଼ି ଆନନ୍ଦପୁର ଅଞ୍ଚଳରେ ବ୍ରାଉନସୁଗର କାରବାର ବେଧଡ଼କ ଭାବେ ଚାଲିଛି। ଦେହୁଡି ଆନନ୍ଦପୁର ମେଡିକାଲ ପଛପଟ, ହରିହର ମହାଦେବ ମନ୍ଦିର, ଝାଡ଼େଶ୍ୱର ମନ୍ଦିର, ବୈତରଣୀ ପୋଲ ତଳେ କିଛି ମାସ ହେଲା ଡ୍ରଗ୍ସ କାରବାର ଚାଲୁଥିବା ଅଭିଯୋଗ ହୋଇଆସୁଥିଲା। କବାଡ଼ିଆ ବେପାର ସହ ବ୍ରାଉନସୁଗାର କାରବାର ବେଳେ ଶୁକ୍ରବାର ୨ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ଧାମନଗର ଅଞ୍ଚଳର ଜଣେ ଯୁବକ ଏକ ଲୁନାରେ ଭଙ୍ଗା ଲୁହା ଟିଣ ବେପାର ସହ କିଛି ବ୍ରାଉନସୁଗାର ପୁଡ଼ିଆ ଧରି ଦେହୁଡି ଆନନ୍ଦପୁରର ହାଟିଡିହ ଛକଠାରେ ବୈତରଣୀ ନଦୀ ଆରପାଖ ଯାଜପୁର ଜିଲା ହୀରାପୁର ଅଞ୍ଚଳର ଜଣେ ଯୁବକ ଏବଂ ଆନନ୍ଦପୁର ଡିଅସାହିର ଜଣେ ଯୁବକଙ୍କୁ ଦେଉଥିଲେ। ସେଠାରେ ଉପସ୍ଥିତ ଥିବା କେତେଜଣ ଯୁବକ ଦେଖି ସନ୍ଦେହ କରିଥିଲେ। ସେମାନେ ତାଙ୍କ ପାଖକୁ ଯିବାରୁ ହୀରାପୁର ଅଞ୍ଚଳର ଯୁବକ ଦଉଡ଼ି ପଳାଇଥିଲେ। ଧାମନଗର ଅଞ୍ଚଳର ବେପାରୀ ଲୁନା ନେଇ ପଳାଇଥିଲେ। ସ୍ଥାନୀୟ ଯୁବକମାନେ ଲୁନା ଧରି ଯାଉଥିବା ଧାମନଗର ହବିବନଗରର ଅଞ୍ଚଳର ଯୁବକଙ୍କୁ ଭଣ୍ଡାରିପୋଖରୀ ଥାନା ଅଧୀନ ବଲ୍ଲଭିଘାଟ ସେତୁ ନିକଟରେ ଧରିଥିଲେ। ହୀରାପୁର ଅଞ୍ଚଳର ଯୁବକ ହରମହାଦେବ ନିକଟ ଅର୍ଦ୍ଧନିର୍ମିତ କଲ୍ୟାଣ ମଣ୍ଡପରେ ଲୁଚିଥିବା ଜଣାପଡ଼ିଥିଲା। ସେମାନେ ଦୁଇଜଣଙ୍କୁ ଧାମନଗର ପୋଲିସକୁ ଖବର ଦେଇଥିଲେ। ଧାମନଗର ଥାନା ଅଧିକାରୀ ବନମାଳୀ ବାରିକଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ଲରେନ୍ସ କୁଜୁର ଘଟଣାସ୍ଥଳରେ ପହଞ୍ଚି ଦୁଇ ଯୁବକଙ୍କୁ ଥାନାକୁ ନେଇ ଅଟକ ରଖିଛନ୍ତି। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ ମାମଲା ରୁଜୁ ହୋଇନାହିଁ। ତେବେ ଭଦ୍ରକରେ ଜଣେ ଭାଉଜ ଏହି ଧଳାଜହର ବେପାର କରି ସମସ୍ତଙ୍କୁ ଏଥିରେ ସାମିଲ କରୁଥିବା ଉକ୍ତ ଯୁବକ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

# ଆଉଟସୋର୍ସିଂ କର୍ମଚାରୀଙ୍କ ବିକ୍ଷୋଭ

ବାରିପଦା,୨୩।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜିଲାପାଳଙ୍କ ଜରିଆରେ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡିକ ମଧ୍ୟରେ ତୁରନ୍ତ ସ୍ଥାୟୀ ଚାକିରି ସହ ନିରାପତ୍ତା, ଛଟେଇ କର୍ମଚାରୀଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ଓ ଦରମା ବୃଦ୍ଧି ଉଲ୍ଲେଖ ରହିଛି। ଏକ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଆସନ୍ତା ମାସରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ ବୋଲି ଆଉଟସୋର୍ସିଂ କର୍ମଚାରୀ ମହାସଂଘର ମୟୂରଭଞ୍ଜ ଜିଲା ଶାଖା ସଭାପତି ଅରୂପ ରାୟ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଶୁଭାଶିଷ ପ୍ରଧାନ, ପ୍ରଭାସ କୁମାର ଦେ, ପ୍ରଭାସ ମହାଭୋଇ ଅନ୍ୟ ନେତୃବର୍ଗ ଉପସ୍ଥିତ ଥିଲେ।

# ଆଉଟସୋର୍ସିଂ ପ୍ରଥା ଉଚ୍ଛେଦ ସହ ସ୍ଥାୟୀ ନିଯୁକ୍ତି ଦାବି



ଉପଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଆଉଟସୋର୍ସିଂ କର୍ମଚାରୀ।

ବାଲେଶ୍ୱର, ୨୩।୬(ମାନସ ବିଶ୍ୱାଳ)

ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ବାଲେଶ୍ୱର ଶାଖା ପକ୍ଷରୁ ଆଉଟସୋର୍ସିଂ ପ୍ରଥା ଉଚ୍ଛେଦ ସହ ସ୍ଥାୟୀ ନିଯୁକ୍ତି ଦାବିରେ ବାଲେଶ୍ୱର ଗସ୍ତରେ ଆସିଥିବା ୫-ଟି ସଚିବ ଭିକେ ପାଣ୍ଡିଆନ ଏବଂ ଉପଜିଲାପାଳ କୁନାଲ ମୋତିରାମ ଚଭନଙ୍କୁ ସାକ୍ଷାତ କରି ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ସରକାର ଆଉଟସୋର୍ସିଂ କର୍ମଚାରୀଙ୍କ ଦାବି ପୂରଣରେ ଟାଳଟୁଳ ନୀତି ଅବଲମ୍ବନ କଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ନେଇ ମହାସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି ।

ବାରମ୍ବାର ଆନ୍ଦୋଳନ ପରେ ରାଜ୍ୟରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ ନିଯୁକ୍ତି ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ସେମାନେ ପ୍ରତାରଣାର ଶିକାର ହୋଇଚାଲିଥିବା ଅଭିଯୋଗ ସହ ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ପୁଣି ଥରେ ରାଜ୍ୟବ୍ୟାପୀ ଅନ୍ଦୋଳନ ଆରମ୍ଭ ହେବ ବୋଲି ଚେତାବନୀ ଦେଇଛନ୍ତି ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର କର୍ମକର୍ତ୍ତା। ଏ ସମ୍ପର୍କରେ ମହାସଂଘର ବାଲେଶ୍ୱର ଶାଖା ସଭାପତି ମନୋଜ କୁମାର ରାଉତ, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ସାମାଜିକ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ସାସମଲ ପ୍ରମୁଖ କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# କାଳବୈଶାଖୀରେ ଛପର ଉଡ଼ିଲା

କୋଡ଼ପଡ଼ା,୨୩।୬ (ରଣଜିତ୍ କୁମାର ରଣା)

ଆନନ୍ଦପୁର ଥାନା ଅଧୀନ ଆମ୍ବଗଡ଼ିଆ ଗ୍ରାମରେ ଗୁରୁବାର କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି ହୋଇଛି। ଅନେକ ଲୋକଙ୍କ ଚାଳଛପର ଘର ଉଡ଼ିଯାଇଛି। ଅପରାହ୍ଣରେ ହଠାତ୍ ପ୍ରବଳ ବେଗରେ ପବନ ବହିବା ସାଙ୍ଗକୁ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଆମ୍ବଗଡ଼ିଆ ଗ୍ରାମର ରତିକାନ୍ତ ଜେନା, ଦୁଃଖୀ ଜେନା, ବିଟଳ ଜେନା, ଶଶୀକାନ୍ତ ଜେନା, ଆର୍ତ୍ତ ଜେନା ପ୍ରମୁଖଙ୍କର ଚାଳଛପର ଘର ଉଡ଼ିଯାଇ ନଷ୍ଟ ହୋଇଛି। ସେମାନେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ତିହିଡ଼ି, ୨୩।୬(ସଞ୍ଜିତ ବଳ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଭଦ୍ରକ ଜିଲା ତିହିଡ଼ି ବ୍ଲକ ଶାଖା ପକ୍ଷରୁ ଗୁରୁବାର ନୂତନ ବିଇଓ (ବ୍ଲକ ଶିକ୍ଷା ଅଧିକାରୀ) ଗୟାଧର ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଇଓ ପରିଡ଼ା କାର୍ଯ୍ୟଭାର ଗ୍ରହଣ କରିବା ଅବସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘର ସଭାପତି ମାୟାଧର ସାହୁ, ସମ୍ପାଦକ ରମାକାନ୍ତ ଦାସ, ସଙ୍ଗଠନ ସମ୍ପାଦକ ଶ୍ରୀନାଥ ମଲିକ, ଜିଲା କୋଷାଧ୍ୟକ୍ଷ ଗିରିଧାରୀ ଚାନ୍ଦ, ଶିକ୍ଷକ ମନ୍ମଥ ଦାସ, ବିଶ୍ୱନାଥ ଦାସ, ନିରୋଦ ମଲ୍ଲିକ, କୃପାସିନ୍ଧୁ ମହାନ୍ତି, ବଂଶୀଧର ଦାସ, ସସ୍ମିତା ମଞ୍ଜରୀ ନାୟକ, ରମାମଣି ବେହେରା, ସରୋଜ ଦାଶ, ବସନ୍ତ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗ ରହିଲେ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ଘଟିପାରିବ ବୋଲି ବିଇଓ ପରିଡ଼ା ପ୍ରକାଶ କରିଥିଲେ।

# ଯୋଗଦେଲେ ନୂତନ ଉପଖଣ୍ଡ ସୂଚନା, ଲୋକସମ୍ପର୍କ ଅଧିକାରୀ


ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କୁ ସ୍ୱାଗତ କରାଯାଉଛି।

ଉଦଳା,୨୩।୬(ସନ୍ତୋଷ କୁମାର ବାଞ୍ଛିନୀ)

କପ୍ତିପଦା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଅବିନାଶ ପାଣି କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ୨୨ ତାରିଖରେ ବାରିପଦାସ୍ଥିତ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଚାର୍ଜ ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ, କପ୍ତିପଦା ଉପଖଣ୍ଡର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଦବୀ ଦୀର୍ଘ ୨୭ ମାସ ଧରି ଫାଙ୍କା ପଡ଼ିଥିଲା। ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କର ବାଲେଶ୍ୱର ଜିଲା କାର୍ଯ୍ୟାଳୟକୁ ବଦଳି ହେବା ପରଠାରୁ କପ୍ତିପଦା ଉପଖଣ୍ଡର ଏହି ପଦବୀ ଫାଙ୍କା ରହିଥିଲା । ଗତ ୧୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସମ୍ପର୍କ ଅଧିକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ ପରେ ପାଣି ନୂତନ ଭାବେ ନିଯୁକ୍ତି ପାଇଛନ୍ତି।

# ବିଧାୟକ ସୁକାନ୍ତ ନାୟକ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ସଦସ୍ୟ

ନୀଳଗିରି, ୨୩।୬(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କୁ ରାଜ୍ୟ ସରକାର ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କମିଟିରେ ସ୍ଥାନ ଦେଇଛନ୍ତି। ନିଜ ନିର୍ବାଚନମଣ୍ଡଳୀ ହେଉ କିମ୍ବା ରାଜ୍ୟର ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉ ସାଧାରଣ ଜନତାଙ୍କ ବାସ୍ତବ କଥାକୁ ବିଧାନସଭାରେ ଉପସ୍ଥାପନ କରିଥାନ୍ତି ବିଧାୟକ ଇଂ. ନାୟକ। ଦୂରଦୃଷ୍ଟି ସମ୍ପନ୍ନ ଇଂ. ନାୟକଙ୍କୁ ରାଜ୍ୟ ସରକାର କିଛିମାସ ପୂର୍ବରୁ ମଧ୍ୟ ଆକାଉଣ୍ଟସ୍ କମିଟିରେ ସ୍ଥାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏଭଳି ଗୁରୁତ୍ୱପୂର୍ଣ୍ଣ କମିଟିରେ ସାମିଲ କରିଥିବାରୁ ବିଧାୟକ ଇଂ. ନାୟକ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସୂଚନା ଯେ, ଏହି କମିଟିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧ୍ୟକ୍ଷ ଥିବା ବେଳେ ୧୬ଜଣ ମନ୍ତ୍ରୀ ସମେତ ଏମ୍‌ପି, ବିଧାୟକ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ସଚିବ, କମିଶନର ଏହି କମିଟିରେ ସଦସ୍ୟ ଅଛନ୍ତି।

# ୨ ପ୍ରକଳ୍ପ ଉଦ୍‌ଘାଟନ କଲେ ମନ୍ତ୍ରୀ


ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଟୁକୁନି ସାହୁ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ଓ ଅନ୍ୟମାନେ।

ଚାନ୍ଦବାଲି,୨୩।୬(ଅଶୋକ ପଣ୍ଡା)

ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଶୁକ୍ରବାର ଭଦ୍ରକ ଜିଲା ଚାନ୍ଦବାଲି ଗସ୍ତରେ ଆସି ୨ଟି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। କସ୍ତୁରୀକଣ ଓ ନିମିତଳାଠାରେ ନବନିର୍ମିତ ସରକାରୀ ମୋଟର ଲଞ୍ଚ ଘାଟ ଓ ଯାତ୍ରୀ ବିଶ୍ରାମଗାରକୁ ଲୋକାର୍ପଣ କରିଛନ୍ତି। ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ଦୁଇ ପ୍ରକଳ୍ପ ନିର୍ମାଣ କରାଯାଇଛି। ପ୍ରକାଶ ଯେ, କସ୍ତୁରୀକଣ ଘାଟ କେନ୍ଦ୍ରାପଡ଼ା ଜିଲାର ନଳିତାପାଟିଆ ଘାଟକୁ ସଂଯୋଗ କରୁଥିବା ବେଳେ ଏହି ଘାଟରେ ଡଙ୍ଗା ସାହାଯ୍ୟରେ ପର୍ଯ୍ୟଟକ ନଦୀ ପାର ହୋଇ ଭିତରକନିକାକୁ ଯାଇଥାନ୍ତି। ସେହିପରି ଧାମରା ଓ ଚାନ୍ଦବାଲିକୁ ଯିବାକୁ ଚଡ଼ଢିଆ ପଞ୍ଚାୟତର ନିମିତଳା ଘାଟରୁ ବୋଟ୍ ମିଳିଥାଏ। ଏଥିସହ ଓଡ଼ିଶାରେ ଏକମାତ୍ର ଚାନ୍ଦବାଲିରେ ଥିବା ସରକାରୀ ନାବିକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିଦର୍ଶନରେ ଯାଇ ମନ୍ତ୍ରୀ ପ୍ରଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଶ୍ରେଣୀଗୃହ, ପ୍ରଶିକ୍ଷଣ ପାଇଁ ବ୍ୟବହୃତ ବିଭିନ୍ନ ଉପକରଣ ସେ ବୁଲି ଦେଖିଥିଲେ। ଶେଷରେ ଧାମରା ବନ୍ଦର ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ବେଳେ ବିଭାଗୀୟ ସଚିବ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

**୫-ଟି ସଚିବଙ୍କ ଗସ୍ତର ଦ୍ୱିତୀୟ ଦିନ**

# ସହରର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ମିଶନ ଶକ୍ତି ବଜାର।


ଭୋଗରାଇଠାରେ ୫-ଟି ସଚିବ ଲୋକଙ୍କଠାରୁ ଦାବିପତ୍ର ଗ୍ରହଣ କରୁଛନ୍ତି।

- ଚନ୍ଦନେଶ୍ୱର , ଭୂଷଣ୍ଡେଶ୍ୱର ଓ ବାସୁଳୀ ପୀଠର ହେବ ଉନ୍ନତି
- ଉଦୟପୁର-ତାଳସାରୀ ପଥରବନ୍ଧ, ସୌନ୍ଦର୍ଯ୍ୟକରଣ ଅନୁଧ୍ୟାନ
- ବସ୍ତାରେ ଖୁବଶୀଘ୍ର ବିଶ୍ୱସ୍ତରୀୟ ମାଛ ମାର୍କେଟ

ବାଲେଶ୍ୱର(ମାନସ ବିଶ୍ୱାଳ)/ ଭୋଗରାଇ(ପ୍ରଦୀପ ଦାସ)/ ଜଳେଶ୍ୱର(ରବିନାରାୟଣ ପାତ୍ର)/ବସ୍ତା(ହରିଶଙ୍କର ପାଢୀ)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ), ୨୩।୬

ବାଲେଶ୍ୱର ଜିଲା ଗସ୍ତର ଦ୍ୱିତୀୟ ଦିନରେ ଶୁକ୍ରବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ସହରର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଭୋଗରାଇ, ଜଳେଶ୍ୱର, ବସ୍ତା ଓ ବାଲିଆପାଳ ଆଦି ବ୍ଲକରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାସହିତ ଲୋକଙ୍କ ସହ ମିଶି ଆଲୋଚନା କରିଥିଲେ।

୫-ଟି ସଚିବ ପ୍ରଥମେ କବିତୀର୍ଥ ଶାନ୍ତିକାନନରେ ପହଞ୍ଚି କଥାସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେଠାରେ ଫକୀରମୋହନ ସାହିତ୍ୟ ପରିଷଦର କର୍ମକର୍ତ୍ତାଙ୍କ ସମେତ ବହୁ ସାହିତ୍ୟ ଅନୁରାଗୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ମିଶନ ଶକ୍ତି ବଜାରରେ ପହଞ୍ଚି ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଷ୍ଟଲ ବୁଲି ଦେଖିଥିଲେ। ସେଠାରେ ଆରମ୍ଭ ହୋଇଥିବା ମିଶନ ଶକ୍ତି କାଫେରେ ପାଣ୍ଡିଆନ ସକାଳ ଜଳଖିଆ କରିଥିଲେ। ସେଠାରୁ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ଯାଇ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ ବୁଲି ଦେଖିବା ସହିତ ବସ୍ ଓ ଟ୍ରକ୍ ମାଲିକ ସଂଘ ସହିତ ଆଲୋଚନା କରିଥିଲେ। ପରେ ଉତ୍କଳ ବାଳାଶ୍ରମରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ବର୍ଗର ଲୋକଙ୍କ ପକ୍ଷରୁ ଦିଆଯାଇଥିବା ଦାବିପତ୍ର ଅନୁଯାୟୀ ଆସନ୍ତା ୩୦ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କଠାରୁ ଖୁସି ଖବର ମିଳିବ ବୋଲି କହିଥିଲେ। ଡିସେମ୍ବର ସୁଦ୍ଧା ସବୁ ହାଇସ୍କୁଲର ୫-ଟି ରୂପାନ୍ତରିତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପ୍ରତି ଯୁକ୍ତ ୨ ଓ ଯୁକ୍ତ ୩ କଲେଜ ମଧ୍ୟ ୫-ଟିରେ ଅନ୍ତର୍ଭୁକ୍ତ ହୋଇଥିବା ସୂଚନା ଦେଇଥିଲେ। ନୂଆବର୍ଷରେ ନୂଆ କ୍ଲାସରୁମ୍‌ରେ ପିଲା ପାଠ ପଢ଼ିବା ଲକ୍ଷ୍ୟ ନେଇ କାର୍ଯ୍ୟ ଆରମ୍ଭ ହୋଇଥିବା କହିଥିଲେ। ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ ପୂର୍ବାପେକ୍ଷା ସୁନ୍ଦର ହୋଇପାରିଛି, ଆଇଟିଆଇ ପଡ଼ିଆରେ ମଲ୍ଟି ପରପଜ୍ ହଲ୍, ସୁଇମିଂପୁଲ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜାନୁୟାରୀ ସୁଦ୍ଧା ସହରର ସମସ୍ତଙ୍କ ଘରେ ପିଇବା ପାଣି ପହଞ୍ଚିବ। ଚାନ୍ଦିପୁର ସମୁଦ୍ରକୂଳର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇଛି। ୫-ଟି ସଚିବ ଉଦୟପୁର ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରି ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିରକୁ ଯାଇ ବର୍ଷାରେ ଭିଜି ପ୍ରଥମେ ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଖ୍ୟାତିସମ୍ପନ୍ନ ଶଙ୍ଖାରି ଗ୍ରାମର ମନ୍ମଥ ଓ ମନୋଜ ଦାସଙ୍କ ନବନିର୍ମିତ ଐତିହ୍ୟସ୍ଥଳୀର କାର୍ଯ୍ୟ ନିର୍ମାଣ ସମ୍ପର୍କରେ ତଦାରଖ କରି ଫେରିଥିଲେ। ତାଳସାରୀ ହେଲିପ୍ୟାଡ ମିଶନଶକ୍ତି ସଭାମଞ୍ଚରେ ତ୍ରିରଙ୍ଗା ଯୋଜନାରେ ମହିଳାମାନଙ୍କ ଉପକାର ଏବଂ ସ୍କୁଲ, କଲେଜଗୁଡିକ ୫-ଟି ରୂପାନ୍ତରଣରେ ଏକ ନୂତନ ଇତିହାସ ସୃଷ୍ଟି କରିଛି ବୋଲି ପ୍ରକାଶ କରିଥିଲେ। ୫-ଟି ସଚିବ ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର ଓ ମା' ବାଶୁଳୀ ପୀଠର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ। ତାଳସାରୀ-ଉଦୟପୁର ୨. ୭ କି.ମି. ତଟ ସୁରକ୍ଷା ପଥରବନ୍ଧ ଓ ସୌନ୍ଦର୍ଯ୍ୟକରଣର କାର୍ଯ୍ୟ ମନ୍ଥରତାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହିତ ଖୁବଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ସଚିବଙ୍କ ସହ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ. ଏସ୍‌ପି ସାଗରିକା ନାଥ ସାମିଲ ଥିଲେ। ଏହାପରେ ୫-ଟି ସଚିବ ଦ୍ୱିପ୍ରହରରେ ହେଲିକପ୍ଟର ଯୋଗେ ଜଳେଶ୍ୱର ଅଭିମୁଖେ ଯାଇ ୬୦ ଜାତୀୟ ରାଜପଥର ନୂତନ କୋର୍ଟ ବିଲ୍ଡିଂ ସମ୍ମୁଖରେ ପହଞ୍ଚି ମହିଳା ଓ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ।

ପାଣ୍ଡିଆନ୍ ଭୋଗରାଇ ଗସ୍ତ ସାରି ଜଳେଶ୍ୱର ଅସ୍ଥାୟୀ ହେଲିପ୍ୟାଡଠାରେ ଉପସ୍ଥିତ ଜନସାଧାରଣଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ମିଶନ ଶକ୍ତି ଏମ୍‌ବିକେ, ସିଆରପି ଓ ସ୍ୱୟଂସହାୟକ ଗୋଷ୍ଠୀ ସ୍ୱାଗତ ଜଣାଇ ତାଙ୍କୁ ମଞ୍ଚକୁ ପାଛୋଟି ନେଇଥିଲେ। ସେ ପାଇଥିବା ସ୍ମାରକପତ୍ର ମଧ୍ୟରୁ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟର ଆଦି ସମ୍ପର୍କରେ ୩୦ତାରିଖ ମଧ୍ୟରେ ସୁଖବର ପାଇବେ ବୋଲି ଜଣାଇଥିଲେ। ଜଳେଶ୍ୱରରେ ସୁବର୍ଣ୍ଣରେଖା ନଦୀରେ ୩୦୦କୋଟି ଟଙ୍କାର ୨ଟି ହାଇଲେଭଲ ସେତୁ ହେବାକୁ ଯାଉଥିବା ବେଳେ ମାକିଡିଆ ଆନ୍ତଃରାଜ୍ୟ ନଦୀପୋଲ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ଜଳେଶ୍ୱରରୁ ସର୍ବାଧିକ ସ୍ମାରକପତ୍ର ମିଳିଥିବା ବେଳେ ୨ଟି ରେଳ ଓଭରବ୍ରିଜ୍ ଅଳ୍ପଦିନ ମଧ୍ୟରେ ଲୋକାର୍ପିତ ହେବାକୁ ଯାଉଥିବା କହିଥିଲେ। ରାଜ୍ୟର ସୀମା ସମ୍ପର୍କିତ କେତେକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେବା, ଅମର୍ଦ୍ଦା ଷ୍ଟେଶନ ଠାରେ ଅନ୍ୟଏକ ରେଳ ଓଭରବ୍ରିଜ୍ ନିର୍ମାଣ ସମ୍ପର୍କରେ ସୂଚନା ଦେଇଥିଲେ। ଜଳେଶ୍ୱର ମ୍ୟୁନିସିପାଲଟିରେ ୨ଟି ପାର୍କ, ବସ୍‌ଷ୍ଟାଣ୍ଡ ଅତିଶୀଘ୍ର ହେବାକୁ ଯାଉଥିବା ସମ୍ପର୍କରେ କହିଥିଲେ । ସେଠାରେ ଡେପୁଟି ଜିଲାପାଳ ସ୍ମିତିରଞ୍ଜନ ମଲ୍ଲିକ, ବିଡିଓ ପୁନମ ରାଉତ, ଆଇଆଇସି ରୋଜାଲିନ୍ ବେହେରା, ପ୍ରଜ୍ଞା ମହାନ୍ତି, ଏସ୍‌ଡିପିଓ ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେଠାରୁ ୫ଟି ସଚିବ ଜଳେଶ୍ୱର ସହରରେ ନିର୍ମାଣ ହୋଇଥିବା ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଏହାପରେ ପାଣ୍ଡିଆନ ବସ୍ତାରେ ପହଞ୍ଚିଥିଲେ। ବ୍ଲକର ବାହାର୍ଦ୍ଦା ସରକାରୀ କୃଷି ଫାର୍ମରେ ହାଇଜେନିକ ମାଛ ମାର୍କେଟ ପାଇଁ ୨୦ଏକର ଜମି ଚିହ୍ନଟ ପ୍ରକ୍ରିୟା ସରିଥିବା ବେଳେ ଖୁବଶୀଘ୍ର ଏହି ମାଛ ମାର୍କେଟର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। କାର୍ଯ୍ୟ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବେ ବୋଲି ପାଣ୍ଡିଆନ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ୮୦ କୋଟି ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ମାଛ ମାର୍କେଟ ରାଜ୍ୟରେ ୧ ନମ୍ବର ମାଛ ମାର୍କେଟ ହେବା ସହିତ ସ୍ଥାନୀୟ ଲୋକଙ୍କ ରୋଜଗାରର ମାଧ୍ୟମ ସାଜିବ ବୋଲି ସେ ପ୍ରକାଶ କରିଥିଲେ। ସଚିବ ପାଣ୍ଡିଆନ ଜଳେଶ୍ୱରରୁ ସଡକ ପଥରେ ଆସି ବାହାର୍ଦ୍ଦା କୃଷି ଫାର୍ମରେ ପହଞ୍ଚିବା ପରେ ତାଙ୍କୁ ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ, ସରପଞ୍ଚ ରଚିତା ମହାନ୍ତିଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ମିଶନ ଶକ୍ତିର ମହିଳାମାନେ ଫୁଲ ଦେଇ ସ୍ୱାଗତ କରିଥିଲେ। ବସ୍ତା ବିଜେଡ଼ି ପକ୍ଷରୁ ବାଜା ବଜାଇ ତାଙ୍କୁ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। ଲୋକେ ବସ୍ତାର ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ କୃଷିଭିତ୍ତିକ ସମସ୍ୟାର ତୁରନ୍ତ ସମାଧାନ କରାଯିବ। ଏହାପରେ ସେ ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଅଭିମୁଖେ ଯାଇଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଲଙ୍ଗଳେଶ୍ୱର କାଳିଖଟି ପଡ଼ିଆରେ ପହଞ୍ଚିଥିଲେ। ସର୍ବସାଧାରଣଙ୍କ ପକ୍ଷରୁ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମଞ୍ଚରେ ପାଣ୍ଡିଆନ ତାଙ୍କ ବକ୍ତବ୍ୟରେ ବାଲେଶ୍ୱର ଜିଲାରେ ସମସ୍ତ ହାଇସ୍କୁଲ ଡିସେମ୍ବର ସୁଦ୍ଧା ୫-ଟିରେ ଅନ୍ତର୍ଭୁକ୍ତ ହୋଇସାରିଥିବ ଏବଂ ସମସ୍ତ କଲେଜକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯିବ ବୋଲି କହିଥିଲେ। ଏହାଦ୍ୱାରା ସମସ୍ତ ପିଲାମାନେ ଭଲ ସ୍କୁଲ୍ ଓ କଲେଜରେ ପାଠ ପଢ଼ିବାର ସୁଯୋଗ ପାଇପାରିବେ। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା, ତହସିଲଦାର ଦୀପକ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


@ଆଶିଷ


@ଶୁଭମ୍

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com
ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ମାନବଶୃଙ୍ଖଳ ମାଧ୍ୟମରେ କଂଗ୍ରେସର ବିରୋଧ




ରାଇବଣିଆ (ନବୀନ ସାହୁ)/ଜଳେଶ୍ୱର (ରବିନାରାୟଣ ପାତ୍ର), ୨୩।୬

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଜଳେଶ୍ୱର ଗସ୍ତ ସମୟରେ କଂଗ୍ରେସର ବିଶାଳ ମାନବ ଶୃଙ୍ଖଳ। ୧୪ଟି ପ୍ରଶ୍ନକୁ ନେଇ ବିରାଟ ବ୍ୟାନର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା। ସେହିପରି କଂଗ୍ରେସ ନେତା ସୁଦର୍ଶନ ଦାସଙ୍କୁ ନଜର ବନ୍ଦୀ କରି ରଖିବାକୁ ବିଭିନ୍ନ ମହଲରୁ ତୀବ୍ର ନିନ୍ଦା ପ୍ରକାଶ ପାଇଛି।ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ଦାୟିତ୍ୱରେ ଥିବା ଭିକେ ପାଣ୍ଡିଆନ ଶୁକ୍ରବାର ଜଳେଶ୍ୱର ଗସ୍ତ ସମୟରେ ତାଙ୍କୁ ଜୋରଦାର ବିରୋଧ କରିଛି କଂଗ୍ରେସ। କଂଗ୍ରେସ ଦଳର ରାଜ୍ୟ ପ୍ରବକ୍ତା ତଥା ଜଳେଶ୍ୱର ନେତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଶତାଧିକ ଲୋକ ଏକ ବିଶାଳ ବ୍ୟାନର ତଥା ପ୍ଲାକାର୍ଡ଼ ଓ ଦଳୀୟ ପତାକା ଧରି ଜଳେଶ୍ୱର ଷ୍ଟେଶନ ବଜାରଠାରୁ ବଡ଼ବଜାର ପର୍ଯ୍ୟନ୍ତ ଏକ ମାନବଶୃଙ୍ଖଳ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ବ୍ଲକ କଂଗ୍ରେସ ସଭାପତି ରାଜୀବ ପରିଡ଼ା, ଟାଉନ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ଚାଷୀ ନେତା ସୁଦାମ ପାତ୍ର, ଜିଲା ସାଧାରଣ ସମ୍ପାଦକ ହେମନ୍ତ ଗିରି, ସୁଧାଂଶୁ ଜେନା, ପଦ୍ମଲୋଚନ ବେହେରା, ଗୋପାଳକୃଷ୍ଣ ଜେନା, ସୁଶାନ୍ତ ସେଠି, ଦେବ ଦୁଲାଲ ଦାସ, ତାରକ୍ ଚାନ୍ଦ, ସୌଭିକ ଜେନା, ଗୌରାଙ୍ଗ ମହାପାତ୍ର, ଖଗେନ୍ଦ୍ର ସାମଲ, ସପନ ଜେନା, ବିନୟ ଜେନା, ନାରୀ ନେତ୍ରୀ ରାଧାରାଣୀ ପାତ୍ର, ଅଞ୍ଜଳି ପ୍ରଧାନ, ରବୀନ୍ଦ୍ର ଭଞ୍ଜ ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

### ଆଜି କ'ଣ କେଉଁଠି

**ମୟୂରଭଞ୍ଜ**

- ତିନିଠାକୁରଙ୍କ ହରିହର ବ୍ରହ୍ମା ବେଶ। ସ୍ଥାନ- ବାରିପଦା ମାଉସୀ ମା' ମନ୍ଦିର, ସମୟ- ସନ୍ଧ୍ୟା ୭ଟାରୁ ୧୦ଟା୩୦।

## ପୁଅକୁ ବିଷ ଦେଇ ହତ୍ୟା ଅଭିଯୋଗ

ବାଲେଶ୍ୱର, ୨୩।୬ (ମାନସ ବିଶ୍ୱାଳ)- ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଝଗଡ଼ପାଢ଼ି ଗ୍ରାମର ହେମନ୍ତ ଚୌବେଙ୍କ ସାନପୁଅ ଜମ୍ବୁବାନ ଚୌବେ (୨୧)ଙ୍କର ମୃତ୍ୟୁ ହୋଇଛି। ସାବତ ମା' ଖାଦ୍ୟରେ ବିଷ ଦେଇ ପୁଅକୁ ମାରିଦେଇଥିବା ତାଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଝଗଡ଼ପାଢ଼ି ଗ୍ରାମର ହେମନ୍ତ ଚୌବେ ଗତ ୪ବର୍ଷ ତଳେ ତାଙ୍କ ସାନପୁଅ ଜମ୍ବୁବାନ ଓ ବିଷ୍ଣୁପ୍ରିୟାଙ୍କ ବୈଦିକ ରୀତିରେ ବାହାଘର କରାଇଥିଲେ। ଜମ୍ବୁବାନଙ୍କ ସାବତ ମା' ଉଭୟ ଜମ୍ବୁବାନ ଓ ବିଷ୍ଣୁପ୍ରିୟାଙ୍କୁ ଭଲ ପାଉ ନ ଥିଲେ। ବାରମ୍ବାର ଗଣ୍ଡଗୋଳ ହୋଇଆସୁଥିଲା। ଗତ ୨ ମାସ ପୂର୍ବରୁ ବିଷ୍ଣୁପ୍ରିୟା ଶାଶୁ ଘର ଛାଡ଼ି ବାପଘରକୁ ପଳାଇ ଯାଇଥିଲେ। ରଜ ପାଇଁ ଜମ୍ବୁବାନ ଶ୍ୱଶୁର ଘରକୁ ଯାଇ ୨ଦିନ ରହି ଫେରିଥିଲେ। ଗୁରୁବାର ମଧ୍ୟାହ୍ନରେ ଖାଇବା ପରେ ହଠାତ୍ ତାଙ୍କର ଦେହ ଅସୁସ୍ଥ ହୋଇଥିଲା। ଆମ୍ବୁଲାନ୍ସ ଯୋଗେ ମାମୁପୁଅ ଭାଇଙ୍କ ସହାୟତାରେ ବାପା ହେମନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାୟ ରାତି ୮ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ତ୍ରୀ ବିଷ୍ଣୁପ୍ରିୟା ମାମୁ ଶ୍ୱଶୁରଙ୍କ ପୁତ୍ରଙ୍କଠାରୁ ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ପରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏନେଇ ବିଷ୍ଣୁପ୍ରିୟା ଚାନ୍ଦିପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବାପା ହେମନ୍ତ ଚୌବେ କହିଛନ୍ତି, ଜମ୍ବୁବାନ ମଦପିଇ ଶୋଇଥିଲେ। ଗୁରୁବାର ହଠାତ୍ ତାଙ୍କ ଦେହ ଅସୁସ୍ଥ ହେବାରୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତାଙ୍କୁ ବିଷ ଦେଇ ହତ୍ୟା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ଶବ ବ୍ୟବଚ୍ଛେଦ ପରେ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ପୋଲିସ କହିଛି।


ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ହରିବଳଦେବ ଶ୍ରୀଜୀଉଙ୍କ ମତ୍ସ୍ୟ ଓ କଚ୍ଛପ ଅବତାର ବେଶ।

## ମତ୍ସ୍ୟ ଓ କଚ୍ଛପ ଅବତାରରେ ଦର୍ଶନ ଦେଲେ ଶ୍ରୀଜୀଉ

ନୀଳଗିରି, ୨୩।୬(ପ୍ରଶାନ୍ତ ବିଶ୍ୱାଳ)

ଭାବର ଠାକୁର ଶ୍ରୀଜଗନ୍ନାଥ ଏହି ଘୋଷଯାତ୍ରା ଅବସରରେ ଶ୍ରୀମନ୍ଦିର ଅଣସର ସିଂହାସନରୁ ଭାଇ ଓ ଭଉଣୀଙ୍କୁ ଧରି ଆଡ଼ପ ମଣ୍ଡପରେ ବାହୁଡ଼ା ପର୍ଯ୍ୟନ୍ତ ରହି ଲୀଳାଖେଳା କରିବେ। ଏହି ପରିପ୍ରେକ୍ଷୀରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପବିତ୍ର ଘୋଷଯାତ୍ରା ଅବସରରେ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ପ୍ରଥମ ଦିନରେ ଶ୍ରୀଜୀଉଙ୍କ ମତ୍ସ୍ୟ ଓ କଚ୍ଛପ ଅବତାର ଦେଖିବାକୁ ମିଳିଥିଲା। ଶୁକ୍ରବାର ସନ୍ଧ୍ୟାରେ ଦର୍ଶନାର୍ଥୀଙ୍କ ପାଇଁ ଦ୍ୱାର ଖୋଲାହେବା ପରେ ହଜାର ହଜାର ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥିଲେ। ଶୃଙ୍ଖଳାର ସହ ଦର୍ଶନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଧାଡ଼ିରେ ଭକ୍ତମାନେ ମତ୍ସ୍ୟ ଓ କଚ୍ଛପ ଅବତାରରେ ମହାବାହୁଙ୍କୁ ଦର୍ଶନ କରିବା ସହିତ ଆଶିଷ ଭିକ୍ଷା କରିଥିଲେ। ଶନିବାର ହେରା ପଞ୍ଚମୀ ସହ ଲକ୍ଷ୍ମୀ ନାରାୟଣ ବେଶ ଅନୁଷ୍ଠିତ ହେବ।

## ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ପୂର୍ବତନ ଏମ୍‌ପି

ଖଇରା, ୨୩।୬(ଉତ୍କଳବନ୍ଧୁ ପଣ୍ଡା)

ଗୁରୁବାର ୫-ଟି ସଚିବଙ୍କ ଖଇରା ଗସ୍ତ ଅବସରରେ ଖଇରା ଓ ସିମୁଳିଆ ପୋଲିସ କଂଗ୍ରେସ ନେତାଙ୍କୁ ଆସାମୀ ଭଳି ବ୍ୟବହାର କରିବା ସିମୁଳିଆ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡାଙ୍କୁ ତାଙ୍କ ବାସଭବନ ଚାରିପଟୁ ନଜରବନ୍ଦୀ କରି ରଖିବାକୁ କଂଗ୍ରେସ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଛି। ରାଜ୍ୟ ସରକାରଙ୍କ ଜଣେ ସଚିବଙ୍କ ପାଇଁ ନେତା ମନ୍ତ୍ରୀ ଟେଣ୍ଟ ପ୍ରସ୍ତୁତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଓଡିଶା ଇତିହାସରେ ଏକ କଳଙ୍କିତ ଘଟଣା । ଏଭଳି ଘଟଣାକୁ ଭଦ୍ରକର ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ କଡା ନିନ୍ଦା କରିଥିବା ବେଳେ ଆଗାମୀ ଦିନରେ କଂଗ୍ରେସ ଏହାର ଜବାବ ଦେବ ବୋଲି ଏକ ପ୍ରେସମିଟ୍‌ରେ କହିଛନ୍ତି । ସେ ଏଥିସହ ୫-ଟିରେ ଚାଲିଥିବା କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ଓ ଡାକ୍ତରଖାନାରେ ବହୁ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ କେବଳ ଏହା ଅଯଥା ଅପଚୟ । କେବଳ ପାର୍ଟି ପାଣ୍ଠି ବଢାଇବା ପାଇଁ ଏହି ବିଭାଗ ସୃଷ୍ଟି କରାଯାଇଛି । ମୁଖ୍ୟମନ୍ତ୍ରୀ ତାଙ୍କୁ ପଠାଇଥିବା କହି ମୁଖ୍ୟମନ୍ତ୍ରୀ କ୍ଷମତାର ଦୁରୁପଯୋଗ କରୁଥିବା ନେଇ ଯୁବ ସଭାପତି ପରିଡା ମତବ୍ୟକ୍ତ କରିଛନ୍ତି ।

## ତୃତୀୟ ସନ୍ଧ୍ୟାରେ ସମ୍ବଲପୁରୀ ଲୋକନୃତ୍ୟ

କେନ୍ଦୁଝର, ୨୩।୬(ଦୀପକ ମିଶ୍ର)

**ବଳଦେବଜୀଉଙ୍କ ରଥଯାତ୍ରା ସାଂସ୍କୃତିକ ସମାରୋହ**

କେନ୍ଦୁଝର ଜିଲାର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ରଥଯାତ୍ରା ଅବସରରେ ବିଭିନ୍ନ ଦିବସରେ ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗ ଆନୁକୂଲ୍ୟରେ ସାଂସ୍କୃତିକ କମିଟି ତତ୍ତ୍ୱାବଧାନରେ କେନ୍ଦୁଝର ରଥଦାଣ୍ଡର ୩ ମଞ୍ଚରେ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହେଉଛି। ତୃତୀୟ ସନ୍ଧ୍ୟାରେ ଘୁଙ୍ଗୁରୁ କ୍ଲବ ମଞ୍ଚରେ ଅଲେଖ ମହିମା ସେବା ସଂଘ ଖଞ୍ଜଣି ଭଜନ ଏବଂ ସମ୍ବଲପୁରୀ ଲୋକନୃତ୍ୟ, ବଲାଙ୍ଗିରର ଶଙ୍କର ବେହେରା ଓ ସାଥିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଗୁଣ୍ଡିଚା ମନ୍ଦିର ପାଖ ଭଜନ ମଣ୍ଡପରେ ସୁର୍ ନିକେତନ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ଏଥିସହ ଇଲେଭେନ ବୁଲେଟ କ୍ଲବ ମଞ୍ଚରେ ନୃତ୍ୟ ପ୍ରଭାତ ଓ ଲାସ୍ୟ ଡ୍ୟାନ୍ସ ଏକାଡେମୀ, ଓଡ଼ିଶୀ, ଭୁବନେଶ୍ୱର ଏବଂ ଡାଡି ମିକ୍ସ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କମିଟି ସଦସ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ, ଡେପୁଟି କଲେକ୍ଟର ଶିବବ୍ରତ ତ୍ରିପାଠୀ, ମନୋଜ ମିଶ୍ର, ଦେବାଶିଷ ମିଶ୍ର, ସଂଗ୍ରାମ ଦାସ, ଦେବଦର୍ଶନ ଦାଶ, ନିର୍ମଳ ଚନ୍ଦ୍ର ନାୟକ, ସନ୍ତୋଷ ଦାସ, ହୃଦାନନ୍ଦ ମାହାନା, ପ୍ରଶାନ୍ତ ସାହୁ, ଜିତେନ୍ଦ୍ର ସାହୁ, ସନ୍ତୋଷ ଚାଟାର୍ଜୀ, ଶରତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।



## ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲେ ନବଜ୍ୟୋତି

ବାଲେଶ୍ୱର, ୨୩।୬ (ମାନସ ବିଶ୍ୱାଳ

ରେମୁଣା ବ୍ଲକ କଲ୍ୟାଣପୁର ପଞ୍ଚାୟତ ଗାଙ୍ଗପୁରା ଗାଁରେ ଗତ ୧୮ ତାରିଖରେ ଅଗ୍ନିକାଣ୍ଡ ଯୋଗୁ ୪ଟି ଚାଳ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଫଳରେ ୭ଟି ପରିବାର ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ବାଲେଶ୍ୱର ସଂସଦୀୟ କ୍ଷେତ୍ର କଂଗ୍ରେସନେତା ନବଜ୍ୟୋତି ପଟ୍ଟନାୟକ ଶୁକ୍ରବାର ରେମୁଣା ବ୍ଲକ କଂଗ୍ରେସ ସଭାପତି ତରୁଣ ଦାସଙ୍କ ନେତୃତ୍ୱରେ ଏକ ଟିମ୍‌କୁ ଅଗ୍ନିବିପନ୍ନ ଲୋକଙ୍କୁ ସହାୟତା କରିବା ପାଇଁ ପଠାଇଥିଲେ। ଟିମ୍‌ରେ କହ୍ନେଇ ବେହେରା, ପରିତୋଷ ମଣ୍ଡଳ, ଅଜୟ ଜେନା, ଲମ୍ବୋଦର ମହାନ୍ତି, ଆଶିଷ ମହାନ୍ତି ଓ କୁମୁଦୁନି ଯେନା ପ୍ରମୁଖ ଉପସ୍ଥିତ ରହି ଅଗ୍ନି ବିପନ୍ନ ପରିବାରଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରିଥିଲେ।

## ଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ବାଲେଶ୍ୱର,୨୩।୬ (ମାନସ ବିଶ୍ୱାଳ)



ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ସ୍ଥିତ ଇମାମୀ ନଗର ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କର ବେଶ ଭିଡ଼ ଜମୁଥିବାବେଳେ ମେଳାପଡ଼ିଆରେ ବିଭିନ୍ନ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରଷିକେଶରୁ ଆସିଥିବା କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ଚରିତ ରାସଲୀଳା ବେଶ୍ ଆଦୃତ ହୋଇଚାଲିଛି। ଇମାମୀନଗର ଗୁଣ୍ଡିଚା ମନ୍ଦିରରେ ପୁରୀ ଶ୍ରୀକ୍ଷେତ୍ର ରୀତିନୀତି ଅନୁଯାୟୀ ମୁଖ୍ୟପୂଜକ ପ୍ରଦୀପ୍ତ କୁମାର ମିଶ୍ର ମହାପ୍ରଭୁଙ୍କର ସମସ୍ତ ପୂଜାର୍ଚ୍ଚନା ସମାପନ କରିବା ସହ ତୁଳସୀ ଅଭିଷେକ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ ଅତ୍ୟାଧୁନିକ ଆଲୋକ ଓ ପୁଷ୍ପର ସୁସଜ୍ଜିତ ମେଳ ପଡ଼ିଆରେ ଅପରାହ୍ନରୁ ରାତ୍ର ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗୀଙ୍କ ଦ୍ୱାରା ହାଣ୍ଡିଡେକୋରେସନ୍, ପୁରୀରୁ ଆସିଥିବା ସଂଘାରୀ ଡେନ୍‌ସ ଗ୍ରୁପ୍ ଦ୍ୱାରା ସମ୍ବଲପୁରୀ, ସୋନପୁରୀ, ରାଜସ୍ଥାନୀ ଆଦି ନୃତ୍ୟ ପରିବେଷଣ, ରାସଲୀଳା ଭଳି ଆବେଗ ଓ ଚିତ୍ତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭକ୍ତମାନଙ୍କୁ ଆକର୍ଷିତ କରିଚାଲିଛି। ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ପ୍ରସାଦସେବନ ବ୍ୟବସ୍ଥା, ପାନୀୟଜଳ, ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କରାଯାଇଛି। ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ତଥା ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶୀଲ କୁମାର ଗୋୟେଙ୍କା ସପତ୍ନିକ ଉପସ୍ଥିତ ଥିବାବେଳେ ଇମାମୀ କାଗଜକଳର ବିଭିନ୍ନ କର୍ମକର୍ତ୍ତା, ଲେଡିଜ୍ କ୍ଲବ୍‌ର ସମସ୍ତ ସଦସ୍ୟା, ସତ୍ୟସାଇ ସେବା ସଙ୍ଗଠନର ସଦସ୍ୟ, ସହଯୋଗ କରୁଛନ୍ତି। ଶ୍ରଦ୍ଧାଳୁମାନେ ବହୁସଂଖ୍ୟାରେ ଯୋଗଦାନ କରିବାକୁ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଏକ ପ୍ରେସ୍‌ବିବୃତିରେ ଜଣାଇଛନ୍ତି।

